# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th January - 2025

************************************

## ମୁଖ୍ୟ ସମ୍ବାଦ

- ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନେକଗୁଡ଼ିଏ ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ଏଚ୍.ଏମ୍.ପି.ଭି. ସଂକ୍ରମଣ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶ ।

- ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଚତୁର୍ଥ ଦିନରେ ଆଜି ଅଭିନୀତ ହେବ ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଅଭିଯୋଗ ନିମନ୍ତେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ।

*Desk*

# ରେଳମଣ୍ଡଳ - ଶିଳାନ୍ୟାସ

ବିକଶିତ ଭାରତର ସଂକଳ୍ପ ପୂରଣ କରିବା ଲାଗି ଦେଶରେ ରେଳବାଇର ବିକାଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ପୂର୍ବତଟ ରେଳବାଇର ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଜାମ୍ମୁ ରେଳ ଡିଭିଜନ ଓ ତେଲଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନ୍‌ର ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ଏହି ସବୁ ପ୍ରକଳ୍ପଗୁଡ଼ିକ ଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ଓ ଭିତ୍ତିଭୂମି ବିକାଶ, ସାମାଜିକ ଅର୍ଥନୈତିକ ବିକାଶ ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣ ଦ୍ୱାରା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିବ।

ରାୟଗଡ଼ା ରେଳ ମଣ୍ଡଳ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅବସରରେ ରେଳବାଇ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ରାବନୀତ ସିଂ ବିଟ୍ଟୁ, ସାଂସଦ ସପ୍ତଗିରି ଉଲ୍ଲାକା, ବଳଭଦ୍ର ମାଝୀ ଓ ବିଧାୟକ ଆପଲ ସ୍ୱାମୀ କାଡ୍ରାକା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ :

***Voice :...........***

ସୂଚନା ଅନୁଯାୟୀ, ଆସନ୍ତା ୩ ବର୍ଷ ମଧ୍ୟରେ ଏହି ରେଳ ଡିଭିଜନ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବିକାଶ ହେବା ସହ ଗମନାଗମନ ଓ ବାଣିଜ୍ୟ କ୍ଷେତ୍ରରେ ବିକାଶ ହୋଇପାରିବ।

***Desk***

# ଧର୍ମେନ୍ଦ୍ର - ରେଳମଣ୍ଡଳ

ରାୟଗଡ଼ା ରେଳମଣ୍ଡ ଭବନର ଶିଳାନ୍ୟାସ କରିଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ଭିତ୍ତିଭୂମି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଉପରେ ସରକାରଙ୍କ ଉଦ୍ୟମ ବିକଶିତ ଭାରତର ମାର୍ଗ ପ୍ରଶସ୍ତ କରୁଛି ।

ସେ କହିଛନ୍ତି, ରାୟଗଡ଼ା ରେଳଡିଭିଜନ ଭବନର ଶିଳାନ୍ୟାସଦ୍ୱାରା ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି । ରେଳ ଯୋଗାଯୋଗକୁ ସୁଦୃଢ଼ କରିବା ସହ ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରବା ଦିଗରେ ଏହା ନିର୍ଣ୍ଣାୟକ ପଦକ୍ଷେପ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

*Desk*

# ଏଚ୍.ଏମ୍.ପି.ଭି.

ଦେଶରେ ଏଚ୍.ଏମ୍.ପି.ଭି. ସଂକ୍ରମିତ ଠାବ ହେବା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେହି ଭୟଭୀତ ନ ହୋଇ ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ରହିଛି । ବୈଠକରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିବା ଜଣାପଡ଼ିଛି ।

*Desk*

# ରାଜ୍ୟପାଳ - ଡି.ଜି.ପି.

ରାଜ୍ୟରେ ନୂଆ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଦାୟିତ୍ୱ ନେବାଦେବା ପରେ ଆଜି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ଶ୍ରୀ ଖୁରାନା ରାଜ୍ୟପାଳଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି ।

*Desk*

# ପ୍ରବାସୀ ଭାରତୀୟ

ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେଉଥିବା ବିଦେଶର ଅତିଥିମାନଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବିଷୟରେ ଅବଗତ କରାଇବା ଲାଗି ୩ଟି ଭାଷାରେ ଗାଇଡ୍‌ମାନେ ତଥ୍ୟ ପ୍ରଦାନ କରିବେ । ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରବାସୀ ଭାରତୀୟମାନେ ୩୧ଟି ପର୍ଯ୍ୟଟନ ସ୍ଥଳ ବୁଲି ଦେଖିବା ଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ପର୍ଯ୍ୟଟନସ୍ଥଳୀ ଭ୍ରମଣ ପାଇଁ ୨୮୦ଟି ବିଭାଗୀୟ ପଞ୍ଜୀକରଣ ହୋଇଥିବା ସେ କହିଛନ୍ତି । ପ୍ରଥମ ଥର ପ୍ରବାସୀ ଭାରତୀୟମାନଙ୍କୁ ଓଡ଼ିଆ ଘରେ ଅତିଥି ଭାବେ ରଖାଯିବାର ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି ।

*HS*

# ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହ ଆସନ୍ତା ବୁଧବାରଠାରୁ ଆରମ୍ଭ ହେଉଥିବାବେଳେ ଆଜି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଛନ୍ତି । ଏହି କେନ୍ଦ୍ରରେ ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେଉଥିବା ଅତିଥିମାନଙ୍କୁ ସମସ୍ତ ସୂଚନା ପ୍ରଦାନ କରିବା ସହ ଉନ୍ନତ ସେବା ଯୋଗାଇ ଦେବା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ।

***HS***

# ପ୍ରବାସୀ ଭାରତୀୟ ଦିବସ – ପ୍ରତିଯୋଗିତା

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ପ୍ରବାସୀ ଭାରତୀୟ ଦିବସର ଆଭିମୁଖ୍ୟ ଓ  ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା  ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

*Desk*

# ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆଜି ଚତୁର୍ଥ ଦିବସରେ ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହେବ। ଷଡ଼ମଲଙ୍କ ମୃତ୍ୟୁ ଖବର ପାଇ ମହାରାଜା କଂସ ଶୋକାଭିଭୂତ ହେବା ଏବଂ ଶ୍ରୀକୃଷ୍ଣଙ୍କୁ ବଧ କରିବା ଲାଗି କଂସ' ପୁତନା, ବକା, ଶକଟା ଆଦି ଅସୁରଙ୍କୁ ଗୋପପୁର ପ୍ରେରଣ କରିବେ। ଆଜି ମହାରାଜ କଂସଙ୍କ ରାଜଦରବାରରେ ଅଭିନେତା ଅଶ୍ରୁମୋଦନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ପ୍ରଯୋଜିକା ନିବେଦିତା ବଳିଆର ସିଂହ ଓ ମୀନା ମହାରଣା ଅତିଥି ଭାବେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

ଗତକାଲି ଆମ୍ବାପାଲିରେ ନନ୍ଦୋତ୍ସବ ପାଳନ ସହ ମଥୁରାରେ ମହାରାଜା କଂସ ନଗର ପରିକ୍ରମା କରିଥିଲେ।

*Sambalpur/R*

# ଲୋକ ମହୋତ୍ସବ

ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ର ତୃତୀୟ ସନ୍ଧ୍ୟାରେ ଆଜି ମା' ସମଲେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ  ଲୁପ୍ତ ବାଦ୍ୟ, ଲୋକଗୀତ ଓ ଲୋକନୃତ୍ୟ ପରିବେଷଣ କରାଯାଉଛି । ଆଜି ମହୋତ୍ସବର ପ୍ରଥମ ଅଧିବେଶନରେ ଆଲୋଚନାଚକ୍ର

ଅନୁଷ୍ଠିତ ହୋଇଥିବାବେଳେ ଅପରାହ୍ଣ ଅଧିବେଶନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

*Nayagarh, Boudh/R*

## ଚୂଡ଼ାନ୍ତ ଭୋଟର ତାଲିକା

ରାଜ୍ୟରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି । ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଜିଲ୍ଲାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୨୫ ହଜାର ୫୨ ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩ ଲକ୍ଷ ୮୯ ହଜାର ୭୦ ଏବଂ ୪୩ ଜଣ ଅନ୍ୟାନ୍ୟ ବର୍ଗର ଭୋଟର୍ ରହିଥିବା ଜଣାପଡ଼ିଛି ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକାରୁ ୭ ହଜାର ୮୨୮ ଜଣ ଭୋଟ୍‌ର ବାଦ୍ ପଡ଼ିଥିବାବେଳେ ୧୨ ହଜାର ୮୩୪ ଜଣ ନୂଆ ଭୋଟର୍ ସାମିଲ୍ ହୋଇଛନ୍ତି ।

ଭଦ୍ରକ ଜିଲ୍ଲାରେ ମୋଟ୍ ୧୩ ଲକ୍ଷ ୪ ହଜାର ୮୯ ଜଣ ମତଦାତା ପଞ୍ଜିକୃତ ହୋଇଥିବାବେଳେ ଚଳିତ ସଂଶୋଧନ ତାଲିକାରେ ୧୦ ହଜାର ୨୭ ଜଣ ନୂଆ ମତଦାତା ସାମିଲ୍ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି । ଜିଲ୍ଲାରେ ମୋଟ ୩ ଲକ୍ଷ ୪୧ ହଜାର ୨୬ ଜଣ ଭୋଟର ରହିଛନ୍ତି । କନ୍ଧମାଳ ନିର୍ବାଚନ ମଣ୍ଡଳିର ୧ ଲକ୍ଷ ୭୨ ହଜାର ୩୨ ଜଣ

ଭୋଟର ଥିବାବେଳେ ବୌଦ୍ଧ ନିର୍ବାଚନ ମଣ୍ଡଳରେ ୧ ଲକ୍ଷ ୬୮ ହଜାର ୯୯୪ ଜଣ ଭୋଟର୍ ରହିଛନ୍ତି ।

***Nayagarh, Kendrapara, Deogarh, Ganjam, Bhadrak, Gajapati, Boudh/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକମାନଙ୍କର ଅସୁବିଧାର ସମାଧାନ ନିମନ୍ତେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ଠାରେ ଅନୁଷ୍ଠିତ ଶିବିରରେ ୧୨୯ଟି ଅଭିଯୋଗ ମଧ୍ୟରୁ ୧୬ଟିର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରିବା ଲାଗି ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୧୪୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଶିବିରରେ ୧୨ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏବଂ ୩ ଜଣଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା ।

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୯ଟି ଅଭିଯୋଗର ତତ୍କାଳ ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଭଦ୍ରକଠାରେ ଅନୁଷ୍ଠିତ ଯୁଗ୍ମ ଜନ ଶୁଣାଣି ଶିବିରରେ ମୋଟ ୧୬୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ଜଣଙ୍କୁ ୫୪ ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୫୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୨୦୩ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଅବସରରେ ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୯ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୩୮ଟି ଅଭିଯୋଗର ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

***Malkangiri/R***

# ମୁଦ୍ରା ପ୍ରଦର୍ଶନୀ

ବିଭିନ୍ନ ଦେଶର ମୁଦ୍ରା ଓ ବିନିଯୋଗ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଲାଗି ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରାଚୀନ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଦର୍ଶନୀରେ ଓ.ଏସ୍.ଏ.ପି.ରେ କାର୍ଯ୍ୟରତ ମିତେଶ ରଞ୍ଜନ ସାହୁ ବିଭିନ୍ନ ଦେଶର ୨୯୫ଟି

ପ୍ରାଚୀନ ମୁଦ୍ରା, ସ୍ପେସିମେନ୍ କଏନ୍, ଜୟନ୍ତୀ ସ୍ମାରକୀ ମୁଦ୍ରା, ବ୍ୟାଙ୍କ୍ ଟୋକନ୍ ଆଦି ବ୍ୟକ୍ତିଗତ ସଂଗ୍ରହର ପ୍ରଦର୍ଶନ କରିଥିଲେ ।

*****